# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର

ପତ୍ର ସଂଖ୍ୟା. ...୧୨୪୯୧.../ ତା. ...୨୫-୧୧-୨୦୨୦...

## ବିଜ୍ଞାପନ

ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ସମସ୍ତ ନଗର ସ୍ତରୀୟ ମହାସଂଘ **(CLF)** / ଆଞ୍ଚଳିକ ସ୍ତରୀୟ ମହାସଂଘ **(ALF)** / ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ **(WSHG)** ମାନଙ୍କୁ ଜଣାଇ ଦିଆଯାଉଅଛିକି ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ତରଫରୁ ଗଂଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଏକ ଆଚାର ଉଦ୍ୟୋଗର ସୁପରିଚାଳନା ନିମନ୍ତେ ଯୋଗ୍ୟା ନଗର ସ୍ତରୀୟ ମହାସଂଘ **(CLF)** / ଆଞ୍ଚଳିକ ସ୍ତରୀୟ ମହାସଂଘ **(ALF)** / ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ **(WSHG)** ଯେଉଁ ମାନଙ୍କର ରାଜ୍ୟ ସରକାରଙ୍କ ପ୍ରଦତ୍ତ ପରିଚାଳନା କାର୍ଯ୍ୟ ପଦ୍ଧତିର ମାନଦଣ୍ଡ **(SOP)** ଅନୁଯାୟୀ ଗତ ୨୦୧୭-୧୮ ମସିହା ଠାରୁ ୨୦୧୯-୨୦ ମସିହା (୩ ବର୍ଷ) ମଧ୍ୟରେ ବର୍ଷପ୍ରତି ହାରାହାରି ୩ ଲକ୍ଷ ଟଙ୍କାର ନେଣଦେଣ କାରବାର ଚାଲୁ ରହିଥିବା ପଞ୍ଚସୂତ୍ର ନିୟମାବଳୀ ଅନୁସାରେ, ନଗର ସ୍ତରୀୟ ମହାସଂଘ **(CLF)** ଆଞ୍ଚଳିକ ସ୍ତରୀୟ ମହାସଂଘ **(ALF)** / ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ପରିଚାଳିତ ହେଉଥିବେ, ସକ୍ରିୟ ଭାବରେ ସମାଜର ମଙ୍ଗଳ ଭିତ୍ତିକ କାର୍ଯ୍ୟ ଗୁଡ଼ିକର ସଚେତନତା ଶିବିର ଆୟୋଜନ କରୁଥିବେ, ବଜାର ସହିତ ଯୋଗାଯୋଗ ଓ ପ୍ରଦର୍ଶନୀରେ ସାମିଲ ହେଉଥିବେ, ସେମାନେ ତାଙ୍କର ଉପଯୁକ୍ତ ପ୍ରମାଣ ସହିତ ୦୮-୧୨-୨୦୨୦ ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ ।

ବି.ଦ୍ର. : ଆବେଦନ କରିବା ପାଇଁ ଆବେଦନ ପତ୍ର ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟର ଗୋଷ୍ଠୀ ସଂଗଠିକା ବିଭାଗରୁ ପାଇପାରିବେ ।

ସ୍ୱା/- ୨୪/୧୧

କମିଶନର

ବ୍ରହ୍ମପୁର ମହାନଗର ନିଗମ

ଜ୍ଞାପକ ସଂଖ୍ୟା. ...୧୨୪୯୨... ତା. ...୨୫-୧୧-୨୦୨୦...

ଏହାର ଏକକିତା ନକଲ ତହସିଲଦାର, ବ୍ରହ୍ମପୁର / ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା ଅଧିକାରୀ, ବ୍ରହ୍ମପୁର/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବ୍ରହ୍ମପୁର କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ନଗର ସ୍ତରୀୟ ମହାସଂଘ **(CLF)** / ଆଞ୍ଚଳିକ ସ୍ତରୀୟ ମହାସଂଘ **(ALF)** / ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ **(WSHG)** ଙ୍କ ଅବଗତି ଲଗାଇବା ପାଇଁ ପ୍ରେରଣ କରାଗଲା

ସ୍ୱା/- ୨୪/୧୧

କମିଶନର

ବ୍ରହ୍ମପୁର ମହାନଗର ନିଗମ

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ତରଫରୁ ଗଂଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ରେ ପଞ୍ଜିକୃତ ନଗର ସ୍ତରୀୟ ମହାସଂଘ (CLF) ଆଞ୍ଚଳିକ ସ୍ତରୀୟ ମହାସଂଘ (ALF) ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଏକ ଆଚାର ଉଦ୍ୟୋଗ ସ୍ଥାପନ ନିମନ୍ତେ ନିଷ୍ପତ୍ତି ହୋଇଅଛି । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ଏକ ତ୍ରିସ୍ତରୀୟ ଚୟନ ପ୍ରକ୍ରିୟା ମାଧ୍ୟମରେ ମନୋନୟନ କରାଯିବ । ଉକ୍ତ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ନଗର ସ୍ତରୀୟ ମହାସଂଘ ଆଞ୍ଚଳିକ ସ୍ତରୀୟ ମହାସଂଘ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ସର୍ବନିମ୍ନ ଯୋଗ୍ୟତା ଅନୁଯାୟୀ ବିବେଚିତ ହେବା ଆବଶ୍ୟକ ।

## ଚୟନ ପ୍ରକ୍ରିୟା ସବିଶେଷ ବିବରଣୀ

୧. ନଗର ସ୍ତରୀୟ ମହାସଂଘ (CLF) / ଆଞ୍ଚଳିକ ସ୍ତରୀୟ ମହାସଂଘ (ALF) / ଏବଂ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ (WSHG) ନିଶ୍ଚିତଭାବେ ପଞ୍ଚସୂତ୍ର ପାଳନ କରୁଥିବେ ।

୨. ଗୋଷ୍ଠୀଗତ ଭାବେ ଆୟକାରୀ ଯୋଜନାରେ ସାମିଲ ଥିବେ ।

୩. ବିଗତ ୩ (ତିନି) ବର୍ଷ ମଧ୍ୟରେ ହାରାହାରି ବାର୍ଷିକ ଆୟ ୩ (ତିନି) ଲକ୍ଷରୁ ଅଧିକ ହୋଇଥିବା ଆବଶ୍ୟକ ।

୪. ନଗର ସ୍ତରୀୟ ମହାସଂଘ (CLF) / ଆଞ୍ଚଳିକ ସ୍ତରୀୟ ମହାସଂଘ (ALF) / ଏବଂ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ (WSHG) ମହାସଂଘ କୌଣସି ଆର୍ଥିକ ଅନିୟମିତତା ସହିତ ଜଡ଼ିତ ହୋଇ ନଥିବେ ।

୫. ସ୍ୱୟଂ ସହାୟକ ଗୋଷ୍ଠୀମାନେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇନଥିବେ ।

୬. ଯେଉଁ ସ୍ୱାୟତ୍ତ ଶାସନ ସଂସ୍ଥା (Urban Local Body-ULB) ରେ ଆଚାର ଉଦ୍ୟୋଗ ସ୍ଥାପନ କରାଯିବ, ସମ୍ପୃକ୍ତ ନଗର ସ୍ତରୀୟ ମହାସଂଘ (CLF) / ଆଞ୍ଚଳିକ ସ୍ତରୀୟ ମହାସଂଘ (ALF) / ଏବଂ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ (WSHG) ସେହି ସ୍ୱାୟତ୍ତ ଶାସନ ସଂସ୍ଥାର ପଞ୍ଜିକୃତ ଗୋଷ୍ଠୀ ବା ସଂଘ ହୋଇଥିବେ ।

୭. ଆଚାର ଉଦ୍ୟୋଗ ପ୍ରକଳ୍ପରେ ସରକାରଙ୍କ ପ୍ରଦତ୍ତ କାର୍ଯ୍ୟପଦ୍ଧତିର ମାନଦଣ୍ଡ (**Standad Operating Procedure-SOP**) ର ନିୟମାବଳୀ ଆଧାରରେ ବିନିଯୋଗ ହେବାକୁ ଥିବା ମୋଟ ଅର୍ଥରାଶିର ୧୦(ଦଶ) ପ୍ରତିଶତ ଯୋଗଦାନ ପାଇଁ ପ୍ରସ୍ତୁତ ରହିବେ ।

# ବ୍ରହ୍ମପୁର ମହାନଗର ନିଗମ ପ୍ରସ୍ତାବିତ ଆଚାର ଉଦ୍ୟୋଗର ପରିଚାଳନା ନିମିତ୍ତ ଆବେଦନ ଫର୍ମ

୧. ନଗର ସ୍ତରୀୟ ମହାସଂଘ / ଆଞ୍ଚଳିକ ମହାସଂଘ / ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ନାମ :

୨. ସ୍ଥାପନ ଦିବସ :

୩. ମୋଟ ସଭ୍ୟ ସଂଖ୍ୟା :

୪. ମୋଟ ସକ୍ରିୟ ସଭ୍ୟା ସଂଖ୍ୟା (ମାସିକ ଆୟ ୫(ପାଞ୍ଚ) ହଜାର ଟଙ୍କାରୁ ଅଧିକ ହୋଇଥିବ) :

୫. ଗୋଷ୍ଠୀଗତ ଭାବେ ଆୟକାରୀ ଯୋଜନାରେ ସାମିଲ ଅଛନ୍ତି କି ? ହଁ / ନାଁ :

୬. ବାର୍ଷିକ ଆୟ (କେବଳ ଜୀବିକାରୁ ଆୟ)

(କ) ୨୦୧୭-୧୮ - ୩ (ତିନି) ଲକ୍ଷରୁ ଅଧିକ ହୋଇଥିବା ଆବଶ୍ୟକ

(ଖ) ୨୦୧୮-୧୯ -

(ଗ) ୨୦୧୯-୨୦ -

୭. ବିଗତ ୩ (ତିନି) ବର୍ଷରେ ବ୍ୟାଙ୍କରୁ ଆଣିଥିବା ଋଣର ପରିମାଣ (ଲକ୍ଷରେ)

(କ) ୨୦୧୭-୧୮ -

(ଖ) ୨୦୧୮-୧୯ -

(ଗ) ୨୦୧୯-୨୦ -

୮. କିସ୍ତି ହିସାବରେ ନିୟମିତ ଋଣ ପରିଶୋଧ କରୁଛନ୍ତି କି ? ହଁ / ନାଁ :

୯. ଗୋଷ୍ଠୀଗତ ଭାବେ ସକ୍ରିୟ ଭାବରେ ସାମିଲ ହୋଇଥିବା ସାମାଜିକ କାର୍ଯ୍ୟକ୍ରମ (ପ୍ରମାଣ ସହିତ)

କ.

ଖ.

ଗ.

ଘ.

୧୦. ଗୋଷ୍ଠୀ ଗତ ଭାବେ କେଉଁ କେଉଁ ଜୀବନ ଜୀବିକା କାର୍ଯ୍ୟରେ ସାମିଲ ଅଛନ୍ତି ?

କ.

ଖ.

ଗ.

ଘ.

୧୧. ବଜାର ସହିତ ଯୋଗାଯୋଗ ଓ ପ୍ରଦର୍ଶନୀରେ ସାମିଲ ହୋଇଥିଲେ (ପ୍ରମାଣ ସହିତ):

କ. ରାଜ୍ୟ ବାହାରକୁ କେଉଁ ଜାଗା : ........................................ତାରିଖ. ..................

ଖ. ରାଜ୍ୟ ଭିତରେ କେଉଁ ଜାଗା : ........................................ତାରିଖ. ..................

ଗ. ଜିଲ୍ଲା ଭିତରେ କେଉଁ ଜାଗା : ........................................ତାରିଖ. ..................

୧୨. ଜୀବନ ଜୀବିକା ସ୍ରୋତରୁ ହୋଇଥିବା ବାର୍ଷିକ ଆୟର କେତେ ପରିମାଣର ଅର୍ଥରାଶି (ଲକ୍ଷରେ) ବ୍ୟବସାୟର ଉନ୍ନତି ନିମନ୍ତେ ପୁନଃ ବିନିଯୋଗ କରିଛନ୍ତି,

ପରିମାଣ:

## ସତ୍ୟପାଠ

ଆମ୍ଭେ ........................................................................................ ନଗର ସ୍ତରୀୟ ମହାସଂଘ / ଆଞ୍ଚଳିକ ମହାସଂଘ / ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟମାନେ ଘୋଷଣା କରୁଅଛୁକି ଆମ୍ଭେ ନିୟମିତ ଭାବେ ପଞ୍ଚସୂତ୍ରକୁ ପାଳନ କରି ଆସୁଛୁ ଏବଂ କୌଣସି ସମାଜ ବିରୋଧି କାର୍ଯ୍ୟକଳାପରେ ସାମିଲ ନାହୁଁ । ପ୍ରସ୍ତାବିତ ଆଚାର ଉଦ୍ୟୋଗରେ ବିନିଯୋଗ ହେବାକୁ ଥିବା ମୋଟ ଅର୍ଥରାଶୀର ୧୦ (ଦଶ) ପ୍ରତିଶତ ବିନିଯୋଗ ପାଇଁ ଆମ୍ଭେ ପ୍ରସ୍ତୁତ ଅଛୁ ।

ଆବେଦନ ପତ୍ରରେ ଦର୍ଶାଯାଇଥିବା ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି କୌଣସି ସମୟରେ ଆମ୍ଭ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅସତ୍ୟ ବା ଭ୍ରମାତ୍ମକ ବୋଲି ଜଣାପଡ଼େ ତେବେ ତତ୍‌କ୍ଷଣାତ୍ ଆମ୍ଭ ଦରଖାସ୍ତକୁ ଖାରଜ କରାଯାଇ ପାରିବ ।

ସ୍ୱାକ୍ଷର

ସଭାନେତ୍ରୀ / ସମ୍ପାଦିକା

ନଗର ସ୍ତରୀୟ ମହାସଂଘ / ଆଞ୍ଚଳିକ ମହାଂସଘ / ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟମାନେ

## BERHAMPUR MUNICIPAL CORPORATION

No. 12443 Date 28-11-2020

The Commissioner, Berhampur Municipal Corporation invited sealed quotations from CLF/ALF/WSHGs for the set-up of the pickle manufacturing unit at Berhampur Municipal Corporation. The details terms & conditions are available at our office wesite **www.berhampur.gov.in**. The last date of receipt of quotations this office by 08.12.2020.

The authority reserves the right to accept or reject any quotation without assigning any reason thereof.

28/11

**Commissioner**
**Berhampur Municipal Corporation**